

# ସତ୍ୟବାକ୍ୟ

# THE WORD OF TRUTH

**JULY & AUGUST - 2011**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.16.Jul & Aug-2011.No-4

Published every two months in **Oriya** language for the Restoration of pure New Testament Christianity

Write for free Bible Correspondence course
in
Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - XVI KAKINADA JUL-AUG-2011**

## ଶ୍ରବଣ କରିବା

### (Hearing)

କୌଣସି ମନୁଷ୍ୟ, କୌଣସି ଉଡ଼ା ଖବର ବା ଜନରବ ଶ୍ରବଣ କରି ତାହା ସତ୍ୟ ବୋଲି ଗ୍ରହଣ କରିବା ଅସମ୍ଭବ । ସେହିପରି, ଆତ୍ମିକ ବିଷୟରେ ମଧ୍ୟ କୌଣସି ଜନରବକୁ ବିଶ୍ୱାସ କରିବା ଆବଶ୍ୟକ ନୁହେଁ । ଆମ୍ଭେମାନେ ଅନେକ ବିଷୟ ଶୁଣୁଥାଉ, କିନ୍ତୁ ଈଶ୍ୱରଙ୍କ ବାକ୍ୟ ସହିତ ସାମଞ୍ଜସ୍ୟ ନ ଥିଲେ ସେ ଗୁଡିକ ଅପ୍ରୟୋଜନୀୟ ବିଷୟ, ଶ୍ରୁତିମଧୁର ଓ ବିନାଶ ଦାୟକ ।

ସର୍ବ ପ୍ରଥମରେ, ଆମ୍ଭମାନଙ୍କୁ ସତ୍ୟ (Truth) କଅଣ ବୁଝିବା ଆବଶ୍ୟକ । ସମସ୍ତ ଶ୍ରୁତିମଧୁର ନୀତିଗୁଡିକ ପରିତ୍ରାଣ ଦେଇପାରେ ନାହିଁ । ତେବେ ସତ୍ୟ କଅଣ ? ଯେପରି ଖ୍ରୀଷ୍ଟ ତାହାଙ୍କ ପ୍ରାର୍ଥନାରେ ଉଲ୍ଲେଖ କରନ୍ତି, "ସତ୍ୟଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ ।" (ଯୋହନ ୧୭:୧୭) ଈଶ୍ୱରଙ୍କ ସମସ୍ତ ବାକ୍ୟ ସତ୍ୟ ବୋଲି ଆମ୍ଭେମାନେ ଗ୍ରହଣ କରିବା ଆବଶ୍ୟକ । ଯେପରି ଖ୍ରୀଷ୍ଟ କହନ୍ତି, "ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।" (ଯୋହନ ୮:୩୨) ।

ଆମ୍ଭେମାନେ ମନୁଷ୍ୟର ସ୍ୱନୀତି-ନିୟମ ଶ୍ରବଣ ନ କରି, ଈଶ୍ୱରଙ୍କର ତଥା ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରିବା ଆବଶ୍ୟକ । ଯେପରି ଈଶ୍ୱର ନିଜେ କହିଅଛନ୍ତି, "ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।' (ମାଥିଉ ୧୭:୫) । ଏବ୍ରୀ ପୁସ୍ତକ କର୍ତ୍ତା ଏହିପରି ଆରମ୍ଭ କରନ୍ତି, "ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା ଏହି ଶେଷ କାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି; ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ

ବିଶ୍ୱ ସୃଷ୍ଟି କଲେ।" (ଏବ୍ରୀ ୧:୧-୨) ପୁରାକାଳରେ ଈଶ୍ୱର ମୋଶା ଓ ବିଭିନ୍ନ ଭାବବାଦୀମାନଙ୍କ ଦ୍ୱାରା କଥା କହିଥିଲେ । କିନ୍ତୁ ଏହି ଶେଷ ସମୟରେ ସେ, ତାହାଙ୍କ ପୁତ୍ର ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି । ଏବେ କି ଶେଷ ସମୟ ଉପସ୍ଥିତ ? (ପ୍ରେରିତ ୨:୧୬,୧୭) ଖ୍ରୀଷ୍ଟ ମରଣ ଭୋଗୀ, ସମାଧିପ୍ରାପ୍ତ ହୋଇ, ମୃତଞ୍ଜୟୀ ହେବା ଦିନଠାରୁ ଶେଷ ସମୟ ଉପସ୍ଥିତ ହୋଇଅଛି । ତେଣୁକରି, ଆମ୍ଭେମାନେ ଏହି ଶେଷ ସମୟରେ ଯୀଶୁଖ୍ରୀଷ୍ଟଙ୍କର ବାକ୍ୟ ଶୁଣିବା ଆବଶ୍ୟକ । ତାହାଙ୍କର ବାକ୍ୟ ଆମ୍ଭେମାନେ କିପରି ଶ୍ରବଣ କରିପାରିବା ? ପ୍ରେରିତ ଯୋହନ ୨୦:୩୦,୩୧ ପଦରେ ତାହାର ଉତ୍ତର ଲେଖି ଅଛନ୍ତି , "ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ଆଶ୍ଚର୍ଯ୍ୟ କର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖାଯାଇନାହିଁ । କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ । ଏଥିନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।

ସତ୍ୟ ଶ୍ରବଣ କରିବାର ଅନେକ ମାର୍ଗ ଅଛି । ଆମ୍ଭେମାନେ ବାଇବଲ ପଢିବା ଦ୍ୱାରା ପାଉଲ, ପିତର, ଯୋହନ ପ୍ରଭୃତିମାନଙ୍କ ଦ୍ୱାରା ଲିଖିତ ଈଶ୍ୱରଙ୍କ ବାକ୍ୟ ଶୁଣିପାରିବା । ଧାର୍ମିକ ପ୍ରଚାରକମାନଙ୍କ ପ୍ରଚାର ଶ୍ରବଣ କରିବାରେ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ବୁଝିପାରିଥାଉ । ପ୍ରଚାରକମାନଙ୍କ ପ୍ରତ୍ୟେକ ଭାଷଣ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ଅଛି କି ନାହିଁ ପ୍ରଥମେ ପରୀକ୍ଷା କରିବା ଆବଶ୍ୟକ । ଯେପରି ପ୍ରେରିତ ୧୭:୧୧ ଲେଖାଯାଏ, ବେରୟାସ୍ଥିତ ବିଶ୍ୱାସୀମାନେ "ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କଲେ, ପୁଣି ଏହି ସମସ୍ତ ସତ୍ୟ କି ନା ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ ।" ପୁନର୍ବାର, ସୁସମାଚାର ସମ୍ବନ୍ଧୀୟ ପୁସ୍ତକ, ପତ୍ରିକା ପ୍ରଭୃତି ପଢିବା ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କର ବାକ୍ୟ ଶ୍ରବଣ କରିଥାଉ ।

ସତ୍ୟର ପ୍ରାଧାନ୍ୟତା ଜାଣି ଯୀଶୁଖ୍ରୀଷ୍ଟ ଏହିପରି କହିଥିଲେ, "ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ, କାରଣ ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି ବୋଲି ମନେକରୁଅଛ ।" (ଯୋହନ ୫:୩୯) ପ୍ରେରିତ ପାଉଲ ୨ ତୀମଥି ୨ : ୧୫ ରେ ଲେଖନ୍ତି, "ସତ୍ୟବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନକର । ବେରୟାରେ ଥିବା ବିଶ୍ୱାସୀମାନେ ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କରି, ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରିବା ଦ୍ୱାରା, ଥେସଲନୀକି ପରେ ଥିବା

ବିଶ୍ୱାସୀମାନଙ୍କର ଠାରୁ ଅଧିକ ସୁଶୀଳ ଥିଲେ ବୋଲି ପ୍ରେରିତ ୧୭:୧୧ ରେ ପଦଗୁଡିକରେ ପଢିପାରୁ ।

ନୂତନ-ନିୟମରେ ବର୍ଣ୍ଣିତ ପ୍ରତ୍ୟେକ ମନପରିବର୍ତ୍ତନ ଘଟଣାରେ ସେମାନେ ପ୍ରଥମେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରିଥିଲେ । ଈଶ୍ୱର ସତ୍ୟ ସୁସମାଚାର ଶ୍ରବଣ କରିଥିବାରୁ, ସେମାନଙ୍କର ହୃଦୟରେ ବିଶ୍ୱାସ ଜନ୍ମିଥିଲା (ରୋମ ୧୦:୧୭) । ବର୍ତ୍ତମାନ ମଧ୍ୟ ସେହିପରି ଘଟୁଅଛି ।

କେବଳ ଶ୍ରବଣ କରିବାରେ ଆମ୍ଭେମାନେ ପରିତ୍ରାଣ ପାଇ ନ ପାରୁ କିନ୍ତୁ ଆମ୍ଭେମାନେ 'ସତ୍ୟ' ଶ୍ରବଣ କରିବା ଆବଶ୍ୟକ । ପୁନର୍ବାର କେବଳ ସତ୍ୟ ଶ୍ରବଣ ଯଥେଷ୍ଟ ନୁହେଁ, ସତ୍ୟ ଶ୍ରବଣ କରି ତାକୁ ଗ୍ରହଣ କରିବା ଆବଶ୍ୟକ । ସତ୍ୟ ଶ୍ରବଣ କରି ତାହା ଗ୍ରହଣ ନ କଲେ, ପରିତ୍ରାଣ ପାଇବା ଅସମ୍ଭବ ।

ଆସ, ଆମ୍ଭେମାନେ ଶୁଣିବାରେ ତତ୍ପର ହେବା । କେବଳ ଶ୍ରୁତିମଧୁର ବିଷୟ ଗହଣ କରିବାରେ ଆମ୍ଭେମାନେ ପରିତ୍ରାଣ ପାଇ ନ ପାରୁ । ତେଣୁକରି, ଆମ୍ଭେମାନେ ସତ୍ୟକୁ ଶ୍ରବଣ କରି, ଅନୁସନ୍ଧାନ କରି, ଅନୁସରଣ କରୁ ।

***- J.C. Choate***

❋❋❋

# ଯୀଶୁ - ସେ କାହାର ପୁତ୍ର ?

## (Jesus -Whose son is he ?)

ଏହି ଜଗତରେ ଯୀଶୁଙ୍କ ଜୀବନର ଶେଷ ସପ୍ତାହରେ ଯିରୁଶାଲମରେ ଏକତ୍ରିତ ଫାରୁଶୀମାନଙ୍କୁ ଯୀଶୁ ପଚାରିଲେ, "ଖ୍ରୀଷ୍ଟଙ୍କ ବିଷୟରେ ତୁମ୍ଭମାନଙ୍କର ମତ କଅଣ ? ସେ କାହାର ସନ୍ତାନ ? ସେମାନେ ତାହାଙ୍କୁ କହିଲେ, ଦାଉଦଙ୍କର ।" (ମାଥିଉ-୨୨:୪୨) । ପବିତ୍ର ଧର୍ମଶାସ୍ତ୍ରରେ ଯୀଶୁଖ୍ରୀଷ୍ଟ ୫ଟି ବ୍ୟକ୍ତିଙ୍କ ପୁତ୍ରରୂପେ ଲିଖିତ ହୋଇଅଛି ।

**ଯୀଶୁ-ମରିୟମଙ୍କ ପୁତ୍ର :-** କନ୍ୟା ମରିୟମ, ଯୋସେଫଙ୍କ ସହିତ ଶାରିରୀକ ସମ୍ବନ୍ଧ ପୂର୍ବେ, ପବିତ୍ର ଆତ୍ମାଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ । (ମାଥିଉ-୧:୧୮, ୨୦,୨୫) । ସଦାପ୍ରଭୁଙ୍କ ସମ୍ମୁଖରେ ଛିଡା ହୋଇଥିବା ଗ୍ରାବୀୟେଲ ଦୂତ, ତାହାଙ୍କ ନିକଟକୁ ଆସି କହିଲେ "ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବେ ।" (ଲୁକ୍-୧:୩୧) । ଏହି ସ୍ତ୍ରୀ, 'ଯୀଶୁଙ୍କ ମାତା

ମରିୟମ' ନାମେ ପରିଚିତ । (ପ୍ରେରିତ-୧:୧୪) । ମଶୀୟଙ୍କ ଏହି ଜଗତରେ ଅବତରଣ କରିବା ନିମନ୍ତେ, ସେ ଏକ ମନୋନୀତ କନ୍ୟା ଥିଲେ । (ଗାଲାତୀ-୪:୪) ।

**ଯୀଶୁ ମନୁଷ୍ୟ ପୁତ୍ର :-** କଇସରିଆ ଫିଲପ୍‌ପୀ ଅଞ୍ଚଳରେ ଯୀଶୁ ଶିଷ୍ୟମାନଙ୍କୁ ପଚାରିବାକୁ ଲାଗିଲେ । "... ମନୁଷ୍ୟ ପୁତ୍ର କିଏ ବୋଲି ଲୋକେ କଅଣ କହନ୍ତି ?" (ମାଥିଉ ୧୬:୧୩) । ଏହି ପଦରେ ଯୀଶୁଙ୍କ ମାନବିକତା ଓ ନମ୍ରତା ପ୍ରକାଶିତ ହୁଏ । ତାହାଙ୍କ ମାତା ଏକ ମନୁଷ୍ୟ ଶରୀରଧାରୀ ସ୍ତ୍ରୀ । ଯୀଶୁ ଖ୍ରୀଷ୍ଟ ମଧ୍ୟ ମନୁଷ୍ୟ ଶରୀର ଧାରଣକରି ମନୁଷ୍ୟମାନଙ୍କ ମଧ୍ୟରେ ନିବାସ କଲେ । (ଯୋହନ ୧:୧୪) । ପ୍ରେରିତ ପାଉଲ କହନ୍ତି, ସେ "...ମନୁଷ୍ୟ ସଦୃଶ୍ୟ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ ।" (ଫିଲିପ ୨:୭) । ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଭାଷାରେ "...ସନ୍ତାନମାନେ ରକ୍ତମାଂସର ସହଭାଗୀ ହୋଇଥିବାରୁ ସେ ମଧ୍ୟ ନିଜେ ସେହିପରି ସେ ସହଭାଗୀ ହେଲେ, ଯେପରି ମୃତ୍ୟୁ ଦ୍ୱାରା ଅଧିକାରୀକୁ ଅର୍ଥାତ୍ ଶୟତାନକୁ ବିନାଶ କରନ୍ତି ।" (ଏବ୍ରୀ ୨:୧୪) । ତ୍ରାଣକର୍ତ୍ତା ପ୍ରଭୁଯୀଶୁ ପାପୀ ମନୁଷ୍ୟମାନଙ୍କ ପରିତ୍ରାଣ ନିମନ୍ତେ ନିଖୁନ୍ତ ବଳି ହେବା ନିମନ୍ତେ ମନୁଷ ଶରୀର ରୂପ ଧାରଣ କରିଥିଲେ ।

**ଯୀଶୁ ଈଶ୍ୱରଙ୍କ ପୁତ୍ର :-** ଗାବ୍ରୀୟେଲ ଦୂତ ମରିୟମଙ୍କୁ କହିଲେ, "ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରମେଶ୍ୱରଙ୍କ ଶକ୍ତି ତୁମ୍ଭକୁ ଆବୋରିବ । ଏଣୁ ଯେ ଜାତ ହେବ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବ ।" (ଲୁକ୍ ୧:୩୫) । ମାର୍କ ସୁସମାଚାର "ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସୁସମାଚାରର ଆରମ୍ଭ ।" (ମାର୍କ ୧:୧) ବୋଲି ଆରମ୍ଭ ହୁଏ । "..ତୁମ୍ଭେ କି ମଙ୍ଗଳମୟଙ୍କ ପୁତ୍ର ଖ୍ରୀଷ୍ଟ ?" ବୋଲି ଯେତେବେଳ ପ୍ରଧାନ ଯାଜକ ପ୍ରଶ୍ନ କରିଥିଲେ, ଯୀଶୁ ଉତ୍ତର ଦେଇ କହିଥିଲେ, "ମୁଁ ସେହି" (ମାର୍କ ୧୪:୬୧) । ପୁନର୍ବାର ୬୨ତମ ପଦରେ ସେ ଆପଣାକୁ 'ମନୁଷ୍ୟ ପୁତ୍ର' ରୂପେ ବର୍ଣ୍ଣନା କରନ୍ତି । 'ଈଶ୍ୱରଙ୍କ ପୁତ୍ର' ଅର୍ଥାତ୍ ତାହାଙ୍କ ଐଶ୍ୱରିକତ୍ୱ ଓ 'ମନୁଷ୍ୟ ପୁତ୍ର' ଅଟନ୍ତି ଓ 'ଈଶ୍ୱରତ୍ୱ' (The God head)ର ଏକ ବ୍ୟକ୍ତି ଅଟନ୍ତି । (କଲସୀ ୨:୯) । ଅନେକ ବାକ୍ୟାଂଶରେ ଯୀଶୁ ଖ୍ରୀଷ୍ଟଙ୍କୁ 'ଈଶ୍ୱର' ରୂପେ ଉପସ୍ଥାପନା କରାଯାଏ । (ଯୋହନ ୧:୧ ଓ ଏବ୍ରୀ ୧:୮) । ଏହାର ଏହା ଅର୍ଥ ଏହା ନୁହେଁ ଯେ, ସେ ପିତା ପରମେଶ୍ୱର ଅଟନ୍ତି କିନ୍ତୁ ପିତାଙ୍କ ସଦୃଶ୍ୟ ଐଶ୍ୱରିକ ସ୍ୱଭାବ ଓ ଶକ୍ତିବାନ ଅଟନ୍ତି ।

**ଯୀଶୁ ଦାଉଦଙ୍କ ପୁତ୍ର :-** ଯିହୂଦୀମାନେ ମଶୀୟଙ୍କୁ "ଦାଉଦ ପୁତ୍ର" ରୂପେ ଗ୍ରହଣ କରନ୍ତି । (ମାଥିଉ ୨୨:୪୨) । ପୁରାତନ ନିୟମର ଭାବବାଦୀମାନଙ୍କ ପ୍ରକଟିତ ଭାବବାଣୀନୁଯାୟୀ ସେ 'ଦାଉଦ ପୁତ୍ର' ବୋଲି ସେମାନେ ଜ୍ଞାତ ଥିଲେ । (୨ ଶାମୁୟେଲ

୭:୧୨-୧୪ ଓ ଗୀତ ୧୩୨:୧୧, ଯିଶାଇୟ ୧୧:୧) । ନୂତନ ନିୟମରେ ପ୍ରଥମେ ଯୀଶୁଙ୍କୁ ଦାଉଦଙ୍କ ସନ୍ତାନ ରୂପେ ବର୍ଣ୍ଣନା କରେ । (ମାଥିଉ ୧:୧) । ପ୍ରେରିତ ପାଉଲ କହନ୍ତି, "ଯୀଶୁଖ୍ରୀଷ୍ଟ ଶରୀର ସମ୍ବନ୍ଧରେ ଦାଉଦଙ୍କ ବଂଶଜାତ" (ରୋମୀୟ ୧:୩, ୨ ତୀମଥି ୨:୮) । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଉପସ୍ଥିତ ଯିହୂଦୀୟ ଜନତାଙ୍କୁ ପ୍ରେରିତ ପିତର କହିଥିଲ । "ହେ ଭାଇମାନେ, ପିତୃ କୂଳପତି ଦାଉଦଙ୍କ ବିଷୟରେ ମୁଁ ଆପଣାଙ୍କୁ ମୁକ୍ତ କଣ୍ଠରେ କହିପାରେ ଯେ, ସେ ମଲେ, ପୁଣି ସମାଧି ପ୍ରାପ୍ତ ହେଲେ, ଆଉ ତାଙ୍କର ସମାଧି ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କର ମଧ୍ୟରେ ଅଛି । ତଥାପି ସେ ଭାବବାଦୀ ହେବାରୁ ଏବଂ ତାଙ୍କ ଔରସଜାତ ଜଣେ ବ୍ୟକ୍ତିକି ଈଶ୍ୱର ଯେ ତାଙ୍କ ସିଂହାସନରେ ବସାଇବାକୁ ତାଙ୍କ ନିକଟରେ ଶପଥ କରି ପ୍ରତିଜ୍ଞା କରିଥିଲେ ...।" (ପ୍ରେରିତ ୨:୨୯-୩୦) । ଭାବବାଦୀ ବ୍ୟକ୍ତ ହେଲା, ସଂପୂର୍ଣ୍ଣ ହେଲା ଏବଂ ସେ ଯେ ଦାଉଦଙ୍କ ବଂଶଜ ହେବେ ଏହି ପ୍ରତିଜ୍ଞା ସଫଳ ହେଲା । ଯୀଶୁ ଏ ଜଗତରେ ଦାଉଦଙ୍କ ବଂଶରେ ଜନ୍ମି, ତାହାଙ୍କ ପିତାଙ୍କ ସିଂହାସନରେ ବସି, ମଣ୍ଡଳୀରୂପେ ରାଜ୍ୟରେ ରାଜତ୍ୱ କରୁଅଛନ୍ତି । (ଲୂକ ୧:୩୧-୩୩) ।

**ଯିଶୁ ଅବ୍ରାହାମଙ୍କ ସନ୍ତାନ :–** ମାଥିଉ ସୁସମାଚାରର ଲେଖନ ଏପରି ଭାବେ ଆରମ୍ଭ ହୁଏ, "ଅବ୍ରାହାମଙ୍କ ସନ୍ତାନ ଓ ଦାଉଦଙ୍କ ସନ୍ତାନ ଯୀଶୁଖ୍ରୀଷ୍ଟଙ୍କ ବଂଶାବଳୀ ।" (ମାଥିଉ ୧:୧) । "...ତୁମ୍ଭଠାରୁ ପୃଥିବୀର ସବୁ ବଂଶ ଆଶୀର୍ବାଦ ପ୍ରାପ୍ତ ହେବେ ।" (ଆଦି ୧୨:୩ ଓ ୨୨:୧୮) ବୋଲି ସଦାପ୍ରଭୁ ଆବ୍ରାହାମଙ୍କୁ ଆଶୀର୍ବାଦ କରିଥିଲେ । ଏଠାରେ ଜଗତର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କ ବଂଶରେ ଜାତ ହେବେ ବୋଲି ଭାବବାଦୀ ପ୍ରକଟିତ ହୋଇଥିଲେ । ଯୀଶୁଖ୍ରୀଷ୍ଟ 'ଅବ୍ରାହାମଙ୍କ ସନ୍ତାନ' ଅର୍ଥାତ୍ ପୁରାତନ ନିୟମର ଦିଆଯାଇ ଥିବା ପ୍ରତିଜ୍ଞା ସଫଳ । ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ ଲେଖନ୍ତି, "ଅବ୍ରାହାମ ଓ ତାହାଙ୍କ ସନ୍ତାନ ପ୍ରତି ପ୍ରତିଜ୍ଞା ସମୂହ ଉକ୍ତ ହୋଇଥିଲା । ଅନେକଙ୍କୁ ଲକ୍ଷ୍ୟକରି ସନ୍ତାନମାନଙ୍କୁ ବୋଲି କୁହାଯାଏ ନାହିଁ, କିନ୍ତୁ ଜଣକୁ, ଅର୍ଥାତ୍ ଖ୍ରୀଷ୍ଟଙ୍କୁ ଲକ୍ଷ୍ୟକରି ତୁମ୍ଭର ସନ୍ତାନଙ୍କୁ ବୋଲି କୁହାଯାଏ ।" (ଗାଲାତୀ ୩:୧୬) ।

ଆସ ଆମ୍ଭେମାନେ ସେହି ମହାନ ପିତାଙ୍କ, ମହାନ ପୁତ୍ରଙ୍କୁ ଧନ୍ୟବାଦ ଦେଇ, କୃତଜ୍ଞ ହୋଇ ଜୀବନ ଯାପନ କରୁ ।

***– Roger D. Cempbell***

❃ ❃ ❃

# ପରମେଶ୍ୱରଙ୍କ ଉତ୍ତମତା
## (The Goodness of God)

ଉତ୍ତମ ପରମେଶ୍ୱର ଆମ୍ଭମାନଙ୍କୁ ମନ ପରିବର୍ତ୍ତନ ଓ ପାପରୁ ମୁକ୍ତି ନିମନ୍ତେ ସାହାଯ୍ୟ କରନ୍ତି । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "...ଈଶ୍ୱରଙ୍କ କୃପା ତୁମ୍ଭକୁ ମନ ପରିବର୍ତ୍ତନ ଆଡକୁ ଘେନି ଯିବାକୁ ଚେଷ୍ଟାକରେ...(ରୋମୀୟ ୨:୪) ।" ସେ ଆମ୍ଭମାନଙ୍କୁ ପ୍ରେମ କରୁଥିବାରୁ, ଆମ୍ଭେମାନେ ତାହାଙ୍କୁ ପ୍ରେମକରୁ । (୧ମ ଯୋହନ ୪:୧୯) । ଆମ୍ଭମାନଙ୍କ ପିତା ପରମେଶ୍ୱରଙ୍କ ଦ୍ୱାରା ଏ ଜଗତ ସ୍ଥାପିତ ଓ ଚାଳିତ ଅଟେ ।

୧) ମାନବ ସମାଜ ପରିତ୍ରାଣ ନିମନ୍ତେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । "କାରଣ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନକଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । (ଯୋହନ ୩:୧୬) ।" ଈଶ୍ୱରଙ୍କ ଅକଥନୀୟ ଦାନ ନିମନ୍ତେ ତାହାଙ୍କର ଧନ୍ୟବାଦ ଦେଉ, (୨ୟ କରନ୍ଥୀ ୯:୧୫) । ପରମେଶ୍ୱରଙ୍କ ଦାନ ଆଶ୍ଚର୍ଯ୍ୟମୟ ଓ ଶ୍ରେଷ୍ଠମୟ ଯେ ତାହା ଆବର୍ଣ୍ଣନୀୟ ଏହା "ଅକଥନୀୟ.." ମନୁଷ୍ୟମାନଙ୍କ କଲ୍ୟାଣ ନିମନ୍ତେ ପରମେଶ୍ୱରଙ୍କ ଅପାର ପ୍ରେମ ନିମନ୍ତେ ଆମ୍ଭେମାନେ ତାହାଙ୍କ ନିକଟରେ ଚିର କୃତଜ୍ଞ ଅଟୁ ।

୨) ପରମେଶ୍ୱରଙ୍କ ଅପକ୍ଷପାତ ବ୍ୟକ୍ତିତ୍ୱ ଦ୍ୱାରା ତାହାଙ୍କ ଉତ୍ତମତା ପ୍ରକାଶ ପାଏ । ପରମେଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ । ଗୋରା, କଳା, ଧନୀ, ଦରିଦ୍ର, ଶିକ୍ଷିତ ଓ ଅଶିକ୍ଷିତ ତାହାଙ୍କ ଦୃଷ୍ଟିରେ କିଛି ପାର୍ଥକ୍ୟ ନାହିଁ । ସେ ପ୍ରତ୍ୟେକ ମନୁଷ୍ୟଙ୍କୁ ପ୍ରେମ କରନ୍ତି ଓ ରକ୍ଷା କରିବାକକୁ ଇଚ୍ଛୁକ ଅଟନ୍ତି । (୧ମ ତୀମଥି ୨:୪) । ଶତ ସେନାପତି କର୍ଣ୍ଣଲୀୟଙ୍କ ଗୃହରେ ପ୍ରେରିତ ପିତର କହିଥିଲେ, "...ଈଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଜାତିରେ ଯେ କେହି ତାହାଙ୍କ ଭୟକରେ, ଧର୍ମାଚରଣ କରେ, ସେ ଯେ ତାହାଙ୍କ ନିକଟରେ ଗ୍ରାହ୍ୟ ହୁଏ । ଏହା ମୁଁ ସତ୍ୟ ବୁଝୁଅଛି । (ପ୍ରେରିତ ୧୦:୧୩୪,୩୫) ।" ପରମେଶ୍ୱରଙ୍କ ପକ୍ଷପାତି ନୁହନ୍ତି । ତାହାଙ୍କ ଏହି ସୁଗଣ, ତାହାଙ୍କ ଉତ୍ତମତା ପ୍ରକାଶ କରେ ।

୩)ପରମେଶ୍ୱେରଙ୍କ କୃପା ଓ ତାହାଙ୍କ ସୁରକ୍ଷତା ଦ୍ୱାରା ତାହାଙ୍କ ଉତ୍ତମତା

ପ୍ରକାଶିତ ହୁଏ । ପ୍ରେରିତ ପାଉଲ କରିନ୍ଥୀ ଲେଖନ୍ତି ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଈଶ୍ୱର ଓ ପିତା ଧନ୍ୟ ସେ ଦୟାମୟ ପିତା ଓ ସମସ୍ତ ସାନ୍ତ୍ୱନା ଦାତା ଈଶ୍ୱର । (୨ୟ କରିନ୍ଥୀ ୧:୧୩) । ଆମ୍ଭମାନଙ୍କ ଉତ୍ତମ ପରମେଶ୍ୱର ଆମ୍ଭମାନଙ୍କୁ ସାନ୍ତ୍ୱନା ଦାତା ଅଟନ୍ତି । ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ କରନ୍ତି । (୧ମ ପିତର ୫:୭) । ପରମେଶ୍ୱରଙ୍କ ପ୍ରେମ, କୃପା ଓ ଅନୁଗ୍ରହ ବିନୁ ଆମ୍ଭମାନଙ୍କ ଗତି କଅଣ ? ସେ କହନ୍ତି, ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ । (ଏବ୍ରୀ ୧୩:୫) । କେତେ ଆଚର୍ଯ୍ୟମୟ ଆଶ୍ୱାସନା । ପ୍ରଶ୍ନ ଉଠେ, ପରମେଶ୍ୱରଙ୍କ କୃପା କି ଆପଣଙ୍କୁ ମନ ପରିବର୍ତ୍ତନ ଆଡକୁ ଘେନି ଯାଇଅଛି ? ତାହାଙ୍କ ଅପାର ପ୍ରେମ ବିଷୟରେ ଆପଣ କି ସନ୍ଦେହ କରୁଛନ୍ତି ? ସେ ଆପଣାକୁ ପ୍ରଥମେ ପ୍ରେମ କରିଥିବାରୁ, ଆପଣ କି ତାହାଙ୍କୁ ପ୍ରେମ କରୁ ଅଛନ୍ତି ? ପ୍ରେରିତ ଯୋହନ କହନ୍ତି, "କାରଣ ଈଶ୍ୱରଙ୍କୁ ପ୍ରେମ..." (୧ମ ଯୋହନ ୫;୩) । ବନ୍ଧୁ, ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ଉତ୍ତମ ଅଟନ୍ତି । ସନ୍ତୋଷ ସହ ତାହାଙ୍କ ସେବା କରୁ ।

**– *Ken Tyler***

❋❋❋

# ଗିଦିୟୋନ - ଅସମାନ୍ୟ ଯୋଦ୍ଧା

## (Gideon - Unlikely Hero)

ଈଶ୍ରାଏଲୀୟମାନେ ଅନେକ ଥର ପରମେଶ୍ୱରଙ୍କୁ ପରିତ୍ୟାଗ କରି ଅନ୍ୟ ଦେବତାଗଣର ଅନୁଗାମୀ ହେବାର କାହାଣୀ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । ବିଚାର କର୍ତ୍ତା ୫:୩୧ ପଦରେ କୁହାଯାଏ "...ଏ ଉତ୍ତାରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ଦେଶ ବିଶ୍ରାମ ପାଇଲା ।"

ସେମାନଙ୍କ ପାଇଁ ବିଶ୍ରାମ ଅଳ୍ପ ସମୟ ମାତ୍ର, କାରଣ ସେମାନେ ପୁନର୍ବାର ଅନ୍ୟ ଦେବତାଗଣର ଅନୁଗାମୀ ହେବା ଆରମ୍ଭ କଲେ । "ଅନନ୍ତର ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ, ଈଶ୍ରାଏଲ ସନ୍ତାନଗଣ ତାହା କଲେ, ତହୁଁ ସଦାପ୍ରଭୁ ସେମାନଙ୍କୁ ସାତବର୍ଷ ପର୍ଯ୍ୟନ୍ତ ମିଦିନୀୟମାନଙ୍କ ହସ୍ତରେ ସମର୍ପଣ କଲେ ।"

ମିଦିନୀୟ ଉପଦ୍ରବର ଦଳ ଈଶ୍ରାଏଲ ଦେଶକୁ ଆସି ତାହା ଉଚ୍ଛିନ୍ନ ସମସ୍ତ ଲୁଟି ନିଅନ୍ତି । ସେମାନଙ୍କ ସମ୍ମୁଖରେ ଛାଉଣି କରି ଶସ୍ୟ ପର୍ଯ୍ୟନ୍ତ ଭୂମିଜ ଶସ୍ୟାଦି ବିନାଶ କରନ୍ତି, ପୁଣି ଈଶ୍ରାଏଲଙ୍କ ମଧ୍ୟରେ ପ୍ରାଣ ବଞ୍ଚିବାର କୌଣସି ଉପାୟ,

ମେଷ, କି ଗୋରୁ, କି ଗଧ, କିଛି ରଖୁନ୍ତି ନାହିଁ । ଆକ୍ରମଣକାରୀଙ୍କ ପରେ ଇଶ୍ରାଏଲୀୟମାନେ ପର୍ବତସ୍ଥ ଗୋହରୀ ଓ ଗୁମ୍ଫା ଓ ଦୁର୍ଗମ ସ୍ଥାନମାନଙ୍କରେ ଲୁଚି ରହନ୍ତି । ଇଶ୍ରାଏଲ ସଦାପ୍ରଭୁଙ୍କ ଅନୁଗମନ କରି ତାହାଙ୍କ ବିରୁଦ୍ଧାଚରଣ କରିଥିବାରୁ ପରମେଶ୍ୱର ସେମାନଙ୍କୁ ପରିତ୍ୟାଗ କରିଥିଲେ । ଦୁର୍ବଳ ଇଶ୍ରାଏଲ ଶତ୍ରୁମାନଙ୍କ ନିମନ୍ତେ ସହଜ ଶିକାର ହୋଇଥିଲେ ।

ମିଦିୟମାନଙ୍କ ନିକଟରେ ଅତିକ୍ଷୀଣ ଇଶ୍ରାଏଲ ସନ୍ତାନମାନେ ସଦାପ୍ରଭୁଙ୍କ ଠାରେ କ୍ରନ୍ଦନ କରନ୍ତେ, ସଦାପ୍ରଭୁ ଏକ ଭାବବାଦୀଙ୍କୁ ତାହାଙ୍କ ନିକଟକୁ ପ୍ରେରଣ କରିଥିଲେ । ସେମାନଙ୍କୁ ସଦାପ୍ରଭୁଙ୍କ ଅପାର କୃପା ଓ ଶକ୍ତିମାନ ବହୁ ବିଷୟରେ ସ୍ମରଣ କରାଇ କହିଲେ, "...ଆମ୍ଭେ ତୁମ୍ଭମାନଙ୍କ ମିସରରୁ ଆଣିଲୁ ଓ ଦାସଗୃହରୁ ତୁମ୍ଭମାନଙ୍କୁ ବାହାର କରି ଆଣିଲୁ,...ମାତ୍ର ତୁମ୍ଭେମାନେ ଆମ୍ଭ ରବ ଶୁଣି ନାହିଁ । (ବିଚାରକର୍ତ୍ତା ୬:୮-୧୦) ।

ତତ୍ପରେ ପରମେଶ୍ୱର ଇଶ୍ରାଏଲର ଉଦ୍ଧାର ନିମନ୍ତେ ଏକ ମନୁଷ୍ୟକୁ ମନୋନୀତ କରି ପ୍ରସ୍ତୁତ କଲେ । ତାହାଙ୍କ ନାମ ଗିଦିୟୋନ, ସେ ମିଦିୟନୀୟମାନଙ୍କ ଭୟରେ ଦ୍ରାକ୍ଷାରସ-କୁଣ୍ଡ ଭିତରେ ଗହମ ମିଳୁଥିବା ସମୟରେ ସଦାପ୍ରଭୁଙ୍କ ଦୂତ ତାହାଙ୍କୁ ଦର୍ଶନ ଦେଇଥିଲେ । ସଦାପ୍ରଭୁଙ୍କ ଦୂତ ତାହାଙ୍କ କହିଲେ, "ହେ ବିକ୍ରମଶାଳୀ ଲୋକ, ସଦାପ୍ରଭୁ ତୁମ୍ଭ ସଙ୍ଗେ ଅଛନ୍ତି ।" (୧୨ ପଦ) । ସଦାପ୍ରଭୁ ତାହାଙ୍କ ହସ୍ତ ଦ୍ୱାରା ଇଶ୍ରାଏଲ ସନ୍ତାନମାନଙ୍କୁ ମିଦିୟୋନମାନଙ୍କ ଠାରୁ ଉଦ୍ଧାର କରିବେ ବୋଲି ତାହାଙ୍କୁ କୁହାଯାଇଥିଲା । କିନ୍ତୁ ସେ କହିଲେ, "...ଦେଖ, ମନଃଶି (ବଂଶ) ମଧ୍ୟରେ ମୋହର ପରିବାର ସବୁଠାରୁ କ୍ଷୀଣ, ପୁଣି ମୋ ପିତୃଗୃହ ମଧ୍ୟରେ ମୁଁ ସବୁଠୁଁ କନିଷ୍ଠ ।" (୧୫ମ ପଦ) । ଏଡେ ବଡ କାର୍ଯ୍ୟ ନିମନ୍ତେ ସେ ଆପଣାକୁ ଅସମର୍ଥ ମଣିଲେ, କିନ୍ତୁ ସଦାପ୍ରଭୁ ତାହାଙ୍କୁ ପରିତ୍ୟାଗ କଲେ ନାହିଁ । ସେ ବାଲ ଦେବତାର ବେଦି ଓ ଆଶର ମୂର୍ତ୍ତି ଛେଦନ କରିବା ନିମନ୍ତେ ଆଜ୍ଞା ଦେଲେ । ଗିଦିୟୋନ, ସେ ନଗରସ୍ଥ ଦଶ ଜଣକୁ ନେଇ ବାଲର ଯଜ୍ଞବେଦି ଭାଙ୍ଗି ଓ ଆଶେରର ମୂର୍ତ୍ତି ବିଚ୍ଛିନ୍ନ କଲେ ।

ଗିଦିୟୋନ ଓ ତାହାଙ୍କ ସଙ୍ଗୀମାନେ ରାତ୍ରି ସମୟରେ ବାଲର ଯଜ୍ଞବେଦି ଭାଙ୍ଗି, ଆଶେରର ମୂର୍ତ୍ତି ଉଚ୍ଛିନ୍ନ କରି ସେ ସ୍ଥାନରେ ସଦାପ୍ରଭୁଙ୍କ ଯଜ୍ଞବେଦି ନିର୍ମାଣ କଲେ । ତାହାଙ୍କ କାର୍ଯ୍ୟ ଦ୍ୱାରା ସେ ପ୍ରଖ୍ୟାତି ପ୍ରାପ୍ତ ହେଲେ ।

ଗିଦିୟୋନ ସଦାପ୍ରଭୁ ତାହାଙ୍କ ସହବର୍ତ୍ତୀ ଅଛନ୍ତି ବୋଲି ଆଶ୍ୱାସନା ପାଇବା ନିମନ୍ତେ ତାହାଙ୍କ ଠାରୁ ଏକ ଚିହ୍ନ ମାଗିଲେ । ସେ କହିଲେ, "ମୁଁ ଗଳାରେ ଗଦାଏ ମେଷଲୋମ ରଖିବି, ଯେବେ କେବଳ ସେହି ଲୋମଗଦା ଉପରେ କାକର ପଡେ ଓ ସମସ୍ତ ଭୂମି ଶୁଷ୍କ ରହେ , ତେବେ ତୁମ୍ଭେ ଆପଣା ବାକ୍ୟାନୁସାରେ ମୋ ହସ୍ତ ଦ୍ୱାରା

ଇଶ୍ରାଏଲକୁ ଉଦ୍ଧାର କରିବ ବୋଲି ମୁଁ ଜାଣିବି । ତହିଁରେ ସେହି ରୂପ ହେଲା, ସେ ପରଦିନ ପ୍ରଭାତରେ ଉଠି ସେହି ଲୋମ ଏକତ୍ର ଚିପି କାକର ଚିପୁଡନ୍ତେ ଲୋମରୁ ପୂର୍ଣ୍ଣ ଏକମାତ୍ର ଜଳ ବାହାରିଲା । ସେତେବେଳେ ଗିଦିୟୋନ ପରମେଶ୍ୱରଙ୍କୁ କହିଲେ, ମୋ ପ୍ରତିକୂଳରେ ତୁମ୍ଭର କ୍ରୋଧ ପ୍ରଜ୍ୱଳିତ ନ ହେଉ, ମୁଁ ଏହି ଥରକ ମାତ୍ର କହିବି, ବିନୟ କରୁଅଛି, ଏହି ଲୋମ ଦ୍ୱାରା ମୋତେ ଏହି ଥରକ ମାତ୍ର ପରୀକ୍ଷା ନେବାକୁ ଦିଅ, କେବଳ ଲୋମ ଉପରେ ଶୁଷ୍କତା ହେଉ ଓ ସମସ୍ତ ଭୂମି ଉପରେ କାକର ପଡୁ । ତହୁଁ ପରମେଶ୍ୱର ସେହି ରାତ୍ରି ସେ ରୂପେ କଲେ, କେବଳ ଲୋମ ଉପରେ ଶୁଷ୍କତା ହେଲା ଓ ସମସ୍ତ ଭୂମିରେ କାକର ପଡିଲା ।" (ବିଚାରକର୍ତ୍ତା ୬:୩୭-୪୦) ।

ସପ୍ତମ ଅଧ୍ୟାୟରେ ଗିଦିୟୋନଙ୍କ ଆଶ୍ଚର୍ଯ୍ୟମୟ ସୈନ୍ୟଦଳ ବିଷୟରେ ପଢ଼ିଥାଉଁ । ଇଶ୍ରାଏଲ ଆପଣା ନିଜ ବଳରେ ମିଦିୟୋନୀୟ ମାନଙ୍କ ଠାରୁ ଉଦ୍ଧାର ପ୍ରାପ୍ତ ହେଲେ ବୋଲି ସେମାନେ ଯେପରି ବୋଧ ନ କରନ୍ତି, ଏଥି ନିମନ୍ତେ ଭୟାର୍ତ୍ତ ଓ କମ୍ପିତ ଲୋକମାନଙ୍କୁ ଆପଣା ଗୃହକୁ ବାହୁଡି ଯିବା ନିମନ୍ତେ ଆଜ୍ଞା ଦେଲେ । ତେତିଶି ହଜାରରୁ କେବଳ ଦଶ ହଜାର ରହି, ବଳକା ବତିଶି ହଜାର ଘରକୁ ଫେରିଗଲେ । ଏହି ସଂଖ୍ୟା ମଧ୍ୟ ସଦାପ୍ରଭୁଙ୍କ ନିମନ୍ତେ ଅଧିକ ଥିଲା । ସେ ଅନ୍ୟ ଏକ ପରୀକ୍ଷା ନେଲେ । ଜଳ ନିକଟରେ ଆପଣା ହାତରେ ପାଣି ନେଇ ଆପଣା ଜିହ୍ୱାରେ ଚାକୁ ଚାକୁ କରି ଜଳ ପିଇବା ଲୋକଙ୍କୁ ମନୋନୀତ କରି, ଜଳ ପାନ କରିବା ନିମନ୍ତେ ଆଣ୍ଠୁ ଭାଙ୍ଗି ନଇଁ ପଡିବା ଲୋକଙ୍କୁ ଆପଣା ଆପଣା ଗୃହକୁ ପ୍ରସ୍ଥାନ କରିବାକୁ ଆଜ୍ଞା ଦେଲେ । ମନୋନୀତ ଲୋକେ ୩୦୦ ମାତ୍ର ।

ପରମେଶ୍ୱରଙ୍କ ଯୁଦ୍ଧକୌଶଳ ମନୁଷ୍ୟମାନଙ୍କ ସଦୃଶ୍ୟ ନୁହେଁ । ଗିଦିୟୋନ ସେହି ତିନିଶହ ଲୋକଙ୍କ ପ୍ରତ୍ୟେକଙ୍କ ହସ୍ତରେ ଏକ ତୂରୀ ଓ ଶୂନ୍ୟ କଳସ ଓ କଳସ ମଧ୍ୟରେ ଦିହୁଡି ଦେଲେ । ମିଦିୟୋନମାନଙ୍କ ଚାରିଆଡେ ଘେରାଇବାକୁ ତିନିଭାଗ କଲେ । ତିନିଦଳସ୍ଥ ଲୋକ ତୂରୀ ବଜାଇ, କଳସ ଭାଙ୍ଗି ଡାକ ପକାଇ କହିଲେ, "...ଖଡ୍ଗ, ସଦାପ୍ରଭୁଙ୍କ ପକ୍ଷ ଓ ଗିଦିୟୋନଙ୍କ ପକ୍ଷ ।" (ବିଚାରକର୍ତ୍ତା ୭:୨୦) । ବିପକ୍ଷ ସୈନ୍ୟ ଭୟରେ ଦଉଡ଼ା ଦଉଡ଼ି ହୋଇ, ଇଶ୍ରାଏଲୀୟମାନଙ୍କ ଜୟଧ୍ୱନୀରେ ପଳାୟନ କଲେ । ଇଶ୍ରାଏଲୀୟମାନଙ୍କ ବିଜୟ ହେଲା ।

ଗିଦିୟୋନ ସଦାପ୍ରଭୁଙ୍କ ନମ୍ର ଦାସ । ମହାଶକ୍ତିଶାଳୀ ଶତ୍ରୁମାନଙ୍କୁ, ଏକ କ୍ଷୁଦ୍ର ଦଳ ସହ ସାମନା କରିଥିଲେ । ତାହାଙ୍କ ପରମେଶ୍ୱର ତାହାଙ୍କ ସହବର୍ତ୍ତୀ ଅଛନ୍ତି ବୋଲି

ସେ ଦୃଢ଼ ଭାବେ ବିଶ୍ୱାସ କରିଥିଲେ । ଆମ୍ଭମାନଙ୍କ ଏହି ଅସାଧାରଣ ଯୋଦ୍ଧା, ବିଶ୍ୱାସର ଯୋଦ୍ଧାମାନଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି ।

– ***Betty Tucker***

❃❃❃

# ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବା

## (Calling on the name of the Lord)

ଅନନ୍ତକାଳର ସ୍ଥିତି ବିଷୟରେ ଭାବବାଦୀ ଯୋୟେଲ କହିଥିଲେ, "ପୁଣି ଯେ କେହି ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ, ସେ ଉଦ୍ଧାର ପାଇବ, କାରଣ ସଦାପ୍ରଭୁଙ୍କ ବାକ୍ୟ ପ୍ରମାଣେ ସିୟୋନ ପର୍ବତରେ ଓ ଯିରୁଶାଲମରେ ରକ୍ଷାପ୍ରାପ୍ତ ଲୋକମାନେ ରହିବେ, ପୁଣି ଯେଉଁମାନଙ୍କୁ ସଦାପ୍ରଭୁ ଆହ୍ୱାନ କରିବେ, ସେମାନେ ଅବଶିଷ୍ଟାଂଶର ମଧ୍ୟରେ ରହିବେ ।" (ଯୋୟେଲ ୨:୩୨) । ଏହି ବାକ୍ୟାଂଶରେ ପ୍ରଥମ ଭାଗ ପ୍ରେରିତ ପିତର ପେଣ୍ଟିକଷ୍ଟ ଦିନରେ ଉଲ୍ଲେଖ କରିବା ପ୍ରେରିତ ୨:୨୧ ଓ ରୋମୀୟ ୧୦;୧୩ ପଢ଼ିଥାଉ । ଏହି ବାକ୍ୟାଂଶକୁ ଅନେକେ ପ୍ରଚାରକ ଭାବେ ଆପଣା ପ୍ରସଙ୍ଗରେ ବ୍ୟବହାର କରି, 'ପାପୀର ପ୍ରାର୍ଥନା' କରିବା ଦ୍ୱାରା ପରିତ୍ରାଣ ପାଇ ପାରିବ ବୋଲି ପ୍ରଚାର କରନ୍ତି । ରୋମୀୟ ୧୦;୧୦ ପଦରେ ଲିଖିତ, "କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।" ଏହି ପଦ ସେମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । କିନ୍ତୁ ପାପୀମାନଙ୍କ ପରିତ୍ରାଣର ମାର୍ଗ ଏହା ନୁହେଁ । ପେଣ୍ଟିକଷ୍ଟ ଦିନରେ ପ୍ରେରିତ ପିତର ଯୋୟେଲ ୨:୩୨ ପଦ ବ୍ୟବହାର କଲାପରେ, ସେଠାରେ ଉପସ୍ଥିତ ଜନତା ତାହାଙ୍କୁ ପଚାରିଥିଲେ, "...ଭାଇମାନେ ଆମ୍ଭେମାନେ କଅଣ କରିବା?" (ପ୍ରେରିତ ୨:୩୭) । ପ୍ରେରିତ ପିତର 'ପାପୀର ପ୍ରାର୍ଥନା' କରିବା ନିମନ୍ତେ ନ କହି, "...ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨;୩୮) ।

"ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବାର" ଅର୍ଥ ପରିତ୍ରାଣ ପ୍ରାପ୍ତି ନିମନ୍ତେ, ସଦାପ୍ରଭୁଙ୍କ ଦତ୍ତ ଆଜ୍ଞା ଗୁଡିକ ପାଳନ କରିବା ରୋମୀୟ ୧୦:୧୦, ରୋମୀୟ ୧୦:୧୩ ଓ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ୨:୩୮ ପଦ ତୁଳନା କଲେ । ପରିତ୍ରାଣ

ପାଇବା ନିମନ୍ତେ ଆମ୍ଭେ ଆମ୍ଭମାନଙ୍କୁ କଅଣ କରିବାକୁ ହେବ ଜଣି ପାରିବା, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମ୍ରରେ ବାପ୍ତିଜିତ ହେଉନ୍ତୁ । ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।"

ଉପରୋକ୍ତ ବାକ୍ୟାଂଶରୁ ଖ୍ରୀଷ୍ଟଙ୍କ ନାମରେ ଡାକିବା ଅର୍ଥ ତାହାଙ୍କ ପରିତ୍ରାଣର ଯୋଜନାର ଆଜ୍ଞାବହ ହେବା ବୋଲି ଜାଣି ପାରିଲୁ । ରୋମୀୟ ୧୦:୧୦ ଓ ୧୩ ଏବଂ ପ୍ରେରିତ ୨:୩୮ ପଦ ଗୁଡିକ ଦ୍ୱାରା ମନୁଷ୍ୟ ବିଶ୍ୱାସ ମନ ପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିସ୍ମ ଦ୍ୱାରା ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ପରିତ୍ରାଣ ପ୍ରାପ୍ତ ହୁଏ ବୋଲି ଜାଣି ପାରିଲୁ । ଏତଦ୍ୱାରା ଆମ୍ଭେମାନେ ଆପଣା ଆପଣା ପାପରୁ ମୁକ୍ତ ହୋଇପାରୁ ।

ପରମେଶ୍ୱରଙ୍କ ନାମରେ ପ୍ରାର୍ଥନା କରିବାର, ଆଉ ଏକ ଉଦାହରଣ, ତାର୍ଷବାସୀ ଶାଉଲ । ଦମେସ୍କକର ସଳଖ ନାମକ ସଡକରେ ପ୍ରଭୁଯୀଶୁଙ୍କ ଦର୍ଶନ ପାଇବା ପରେ, ସେ ତିନି ଦିନ ଉପବାସ ରହି ପ୍ରାର୍ଥନା କରିଥିଲେ । (ପ୍ରେରିତ ୯:୯,୧୧) । କେବଳ ପ୍ରାର୍ଥନା ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୋଇ ପାରିଲେ, ନିଶ୍ଚିତଭାବେ ଶାଉଲ କେବଳ ପ୍ରାର୍ଥନା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇଥାନ୍ତେ । ଖ୍ରୀଷ୍ଟ, ହନନୀୟ ନାମକ ପ୍ରଚାରକଙ୍କୁ ତାହାଙ୍କ ନିକଟକୁ ପ୍ରେରଣ କରିଥିଲେ । ସେ ଶାଉଲଙ୍କୁ କହିଲେ, "ଆଉ, ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ । ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ । ତିନିଦିନ ଉପବାସ ରହି ପ୍ରାର୍ଥନା କରିବା ସତ୍ତ୍ୱେ, ଶାଉଲଙ୍କୁ ବାପ୍ତିଜିତ ହୋଇ ଆପଣା ପାପ ଧୋଇବାର ଆବଶ୍ୟକତା ଥିଲା ।

ଭାଇମାନେ,ସତ୍ୟରୁ ସପକ୍ଷ ହୋଇ, ଅସତ୍ୟ ଶିକ୍ଷା ବିରୁଦ୍ଧରେ ଲଢ଼ୁ । ଅନେକ ଅମୂଲ୍ୟ ଆତ୍ମା ଗୁଡିକ ଭ୍ରାନ୍ତ ଶିକ୍ଷାର ଶିକାର ହୋଇ ଅଛନ୍ତି । କେବଳ ପ୍ରାର୍ଥନା ଦ୍ୱାରା ସେମାନେ ପରିତ୍ରାଣ ପାଇପାରିବେ ବୋଲି ବିଶ୍ୱାସ କରୁ ଅଛନ୍ତି । ସେମାନେ କିପରି ପ୍ରକୃତ ଭାବେ ପରିତ୍ରାଣ ପ୍ରାପ୍ତ ହେବେ ସେମାନ୍‌ଙ୍କୁ ଶିକ୍ଷା ଦେଉଁ ।

*- Travis L. Quter Some*

❋❋❋

# ପିତର ଜଳ ଉପରେ ଚାଲିବା

## (Peter Walking on Water)

ଏହି ଜଗତରେ ଯୀଶୁଖ୍ରୀଷ୍ଟ ପରିଚର୍ଯ୍ୟା ସମୟରେ ପରମେଶ୍ୱରଙ୍କ ଶକ୍ତି ତାହାଙ୍କ ସହିତ ଥିଲା । ମାଥିଉ ଲିଖିତ ସୁସମାଚାରର ୧୪ତମ ଅଧ୍ୟାୟ ଯୀଶୁଙ୍କ କୃତ ଦୁଇ ଆଶ୍ଚର୍ଯ୍ୟ କର୍ମ ବର୍ଣ୍ଣିତ ହୋଇଅଛି । ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟା ସ୍ତ୍ରୀ ଓ ଛୋଟ ଛୋଟ ବାଳକମାନଙ୍କୁ ଯୀଶୁ ରାଜ୍ୟ ସୁସମାଚାର ଶିକ୍ଷା ଦେଇ, ଅସୁସ୍ଥମାନଙ୍କୁ ସୁସ୍ଥ କରି ପାଞ୍ଚ ରୋଟି ଓ ଦୁଇ ମାଛ ଦ୍ୱାରା ଭୋଜନ ପରିବେଶ କରିଥିଲେ । (୧୩ ଓ ୧୪ ପଦ) । ସେ ଜନସମୂହକୁ ବିଦାୟ ଦେଇ, ଶିଷ୍ୟମାନଙ୍କୁ ନୌକାରେ ଚଢ଼ାଇ ଅର ପାରିକି ଉଠାଇଥିଲେ । ସେ ଆପେ ଏକାନ୍ତ ପ୍ରାର୍ଥନା ନିମନ୍ତେ ଅନ୍ତର ହୋଇ ପର୍ବତ ଉପରକୁ ଗଲେ । (୨୧,୨୨ ଓ ୨୩ମ ପଦ) ।

ଏହି ଘଟଣା ପରେ ଲୋକେ ଯୀଶୁଙ୍କର କାର୍ଯ୍ୟରେ ଏତେ ପ୍ରଭାବିତ ହୋଇଥିଲେ ଯେ, ତାହାଙ୍କୁ ରାଜା ରୂପେ ଅଭିଷିକ୍ତ କରିବା ନିମନ୍ତେ ବଳପୂର୍ବକ ଧରିବାକୁ ଚେଷ୍ଟା କରିଥିଲେ । (ଯୋହନ ୬:୧୫) । ଯୀଶୁଙ୍କ ଶକ୍ତି ଓ ମନୁଷ୍ୟମାନଙ୍କ ପ୍ରତି ତାହାଙ୍କ ପ୍ରେମ ଆମ୍ଭମାନଙ୍କୁ କି ପ୍ରଭାବିତ କରିଅଛି ? ସେ ଆମ୍ଭମାନଙ୍କ ଶାରୀରିକ ଆବଶ୍ୟକତା ଓ ଆତ୍ମିକ ଆବଶ୍ୟକତା ପୂରଣ କରିବା ସମର୍ଥ ପ୍ରଭୁ ଅଟନ୍ତି ।

ଶିଷ୍ୟମାନେ ନୌକାରେ ଯିବା ସମୟରେ ପ୍ରତିକୂଳ ବାୟୁ ହେତୁ ଲହଡିରେ ନୌକା ଟଳମଳ ହେଲା । "କିନ୍ତୁ ରାତ୍ରିର ଚତୁର୍ଥ ପ୍ରହରରେ ସେ ସମୁଦ୍ର ଉପରେ ଚାଲି ସେମାନଙ୍କୁ ପାଖକୁ ଆସିଲେ । ପୁଣି ଶିଷ୍ୟମାନେ ତାହାଙ୍କୁ ସମୁଦ୍ର ଉପରେ ଚାଲିବାର ଦେଖି ଉଦ୍‌ବିଗ୍ନ ହୋଇ କହିଲେ, ଏ ତ ଭୂତ, ଆଉ ସେମାନେ ଭୟରେ ଚିତ୍କାର କଲେ । କିନ୍ତୁ ଯୀଶୁ ସେହିକ୍ଷଣି ସେମାନଙ୍କ ସହିତ କଥାବାର୍ତ୍ତା କରି କହିଲେ, ସାହସ ଧର, ଏ ତ ମୁଁ ଭୟ କର ନାହିଁ । ସେଥିରେ ପିତର, ଉତ୍ତର ଦେଲେ, ହେ ପ୍ରଭୁ ଯେବେ ଆପଣ ତେବେ ଜଳ ଉପରେ ଆପଣଙ୍କ ନିକଟକୁ ଯିବା ପାଇଁ ମୋତେ ଆଜ୍ଞା କରନ୍ତୁ । ସେ କହିଲେ ଆସ, ସେଥିରେ ପିତର ନୌକାରୁ ଓହ୍ଲାଇ ଜଳ ଉପରେ ଚାଲି ଯୀଶୁଙ୍କ ନିକଟକୁ ଗଲେ । (ମାଥିଉ ୧୪:୨୫-୨୯) । ପିତର ଆପଣା ଶକ୍ତି ଦ୍ୱାରା ଜଳ ଉପରେ ଚାଲି ପାରି ନ ଥାନ୍ତେ । କିନ୍ତୁ ଯୀଶୁଙ୍କ ଉପରେ ବିଶ୍ୱାସରେ ସେ ସମୁଦ୍ର ଉପରେ ଚାଲିବାକୁ ଶକ୍ତି ପାଇଥିଲେ ।"

ଯୀଶୁ ପିତରଙ୍କୁ କହିଥିଲେ, "ଆସ", ସେ ଆଜି ମଧ୍ୟ ସମସ୍ତଙ୍କୁ ଏପରି ଆହ୍ୱାନ କରୁ ଅଛନ୍ତି । ତାହାଙ୍କର ଆହ୍ୱାନ ହେଲା, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ ମୁଁ ତୁମ୍ଭକୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବାଶ୍ରାମ ପାଇବ । ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।" (ମାଥିଉ ୧୧:୨୮-୩୦) । ଯେଉଁମାନେ ତାହାଙ୍କ ଆହ୍ୱାନ ଗ୍ରହଣ କରନ୍ତି, ସେ ତାହାଙ୍କ ସହିତ ଚାଲିବାକୁ ଶକ୍ତି ଦିଅନ୍ତି ।

ଯୀଶୁଙ୍କ ଆଜ୍ଞାରେ ପିତର କିଛି ଦୂର ଜଳ ଉପରେ ଚାଲିଥିଲେ । ପ୍ରଭୁଙ୍କ ଶକ୍ତିରେ, ବିଶ୍ୱାସରେ ଯୀଶୁଙ୍କୁ ସମ୍ମୁଖରେ ଦେଖୁ ଦେଖୁ ଆଗେଇ ଚାଲିପାରିଥିଲେ । କିନ୍ତୁ ସେ ଯେତେବେଳେ ଯୀଶୁଙ୍କ ଉପରୁ ଦୃଷ୍ଟି ଉଠାଇ ସମୁଦ୍ର ତରଙ୍ଗ ଆଡେ ଦେଖିଲେ, ଭୟଭୀତ ହୋଇ ବୁଡିବାକୁ ଆରମ୍ଭ କଲେ । ଏହି ଜଗତରେ ଯୀଶୁଙ୍କ ଠାରୁ ଦୂରେଇ ନେବା ବିଷୟ ଅନେକେ ଥିଲେ ହେଁ, ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଠାରେ ଲକ୍ଷ୍ୟ ରଖି ଆଗେଇ ଯାଉ । ଯୀଶୁଙ୍କ ଠାରୁ ଆମ୍ଭମାନଙ୍କୁ ଦୂରେଇ ନେବା ବିଷୟ ସବୁଠାରୁ ଆମ୍ଭେମାନେ ଆପଣା ଆପଣାକୁ ଦୂରରେ ରଖୁ ।

ପିତର ସମୁଦ୍ରରେ ବୁଡି ଯାଉ ଯାଉ ଚିତ୍କାର କରି କହିଲେ, "ହେ ପ୍ରଭୁ, ମୋତେ ରକ୍ଷା କରନ୍ତୁ ।" ଯୀଶୁ "ସେହିକ୍ଷଣି" ହାତ ବଢାଇ ତାଙ୍କୁ ଧରିଲେ ଏବଂ କହିଲେ, "ହେ ଅଳ୍ପ ବିଶ୍ୱାସୀ କାହିଁକି ସନ୍ଦେହ କଲ ?" (ମାଥିଉ ୧୪:୩୦) । ଆମ୍ଭମାନଙ୍କ ଏହି ଜୀବନରେ ବେଳେ ବେଳେ ତାହାଙ୍କ ଠାରୁ ଏପରି ଭର୍ତ୍ସନା ଆବଶ୍ୟକ କରିଥାଉଁ । "ଅଳ୍ପ ବିଶ୍ୱାସୀ" ବୋଲି ଯାହାକୁ ପ୍ରଭୁ ଭର୍ତ୍ସନା କରିଥିଲେ, ସେହି ପିତର କିଛି କାଳପରେ କହିଥିଲେ, "ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକା. କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।" (୧ମ ପିତର ୫:୭) । ଯଦି ପିତର ଦୃଷ୍ଟି ସମୁଦ୍ରର ଲହଡି ଉପରେ ସ୍ଥିର ହୋଇ ରହିଥାନ୍ତେ, ସେ ବୁଡ଼ି ଯାଇଥାନ୍ତେ, କିନ୍ତୁ ଆପଦ ସମୟରେ କାହାକୁ ଡାକ ପକାଇବା ଆବଶ୍ୟକତା, ସେ ଭଲଭାବ ଜ୍ଞାତ ଥିଲେ । ଯୀଶୁ ଆମ୍ଭମାନଙ୍କୁ ଉଦ୍ଧାର କରିବା ନିମନ୍ତେ,ଶକ୍ତି ଦେବା ନିମନ୍ତେ ସଦାପ୍ରସ୍ତୁତ ଅଛନ୍ତି ।

ନୌକା ବାହାରେ ସାହସରେ ପାଦ ପକାଇବା ପିତର ଲଜ୍ଜିତ ହୋଇ ନୌକାକୁ ଫେରି ଆସିଲେ । କିନ୍ତୁ ଯୀଶୁ ତାହାଙ୍କୁ ଅଭୟ ପ୍ରଦାନ କରିଥିଲେ । ପିତରଙ୍କ ସଦୃଶ୍ୟ ଆମ୍ଭେମାନେ ମଧ୍ୟ ସିଦ୍ଧ ନୋହୁଁ । କିନ୍ତୁ ଆମ୍ଭମାନଙ୍କ ଦୁଃର୍ଦ୍ଦଶା ସମୟରେ ଆମ୍ଭେମାନେ ତାହାଙ୍କୁ ଡାକ ପକାଇଲେ. ଆମ୍ଭମାନଙ୍କୁ ଉଦ୍ଧାର କରିବେ । ଯୀଶୁ ଓ ପିତର ନୌକା ଚଢୁ

ଚଞ୍ଚୁ ପବନ ବନ୍ଦ ହେଲା ଓ ନୌକାଟି ସଙ୍ଗେ ସଙ୍ଗେ କୂଳରେ ପହଞ୍ଚିଲା । ବିଶ୍ୱାସର କର୍ତ୍ତା ଯୀଶୁଙ୍କ ଆଡେ ଦୃଷ୍ଟି ରଖି ଆଜ୍ଞାବହତା ସହ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ । ସେ ଆମ୍ଭମାନଙ୍କ ଜୀବନର ପ୍ରତ୍ୟେକ ଝଡ ଓ କ୍ଳେଶରୁ ଆମ୍ଭମାନଙ୍କୁ ଉଦ୍ଧାର କରି, ସୁରକ୍ଷିତ ଭାବେ କୂଳରେ ପହଞ୍ଚାଇ ଦେବେ ।

*– O.P. Baird*

❋❋❋

# ଖ୍ରୀଷ୍ଟ—କେନ୍ଦ୍ର ବିନ୍ଦୁ
## (Christ-Centeredness)

ଖ୍ରୀଷ୍ଟ ହିଁ ଖ୍ରୀଷ୍ଟଧର୍ମର କେନ୍ଦ୍ରବିନ୍ଦୁ । ମଣ୍ଡଳୀ ଖ୍ରୀଷ୍ଟଙ୍କ ଶରୀର ଏଥିନିମନ୍ତେ ମଣ୍ଡଳୀକୁ ପ୍ରାଧାନ୍ୟତା । ସେ ମଣ୍ଡଳୀର ସ୍ଥାପନ କର୍ତ୍ତା । (ମାଥିଉ ୧୬:୧୮) । ସେ ତାହା ଆପଣା ରକ୍ତ ଦେଇ କ୍ରୟ କରି ଅଛନ୍ତି । (୨୦:୨୮) । ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଏବଂ "...ଅର୍ଥାତ୍ ଯେ ସମସ୍ତ ବିଷୟକୁ ସର୍ବତୋଭାବେ ପୂର୍ଣ୍ଣ କରନ୍ତି, ତାହାଙ୍କର ପୂର୍ଣ୍ଣତା ।" (ଏଫିସୀ ୧:୨୨-୨୩) । କଲସୀ ୧:୧୮ ପଦରେ ଲେଖାଯାଏ, "ଆଉ ସେ ମଣ୍ଡଳୀରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଦି, ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।"

ମଣ୍ଡଳୀର ପ୍ରତ୍ୟେକ କାର୍ଯ୍ୟ ଖ୍ରୀଷ୍ଟଙ୍କ ନିମନ୍ତେ କରାଯାଏ । ଆରାଧନାରେ ପ୍ରଭୁଭୋଜ ପାଳନ କଲା ସମୟରେ, ତାହାଙ୍କ ମୃତ୍ୟୁ, ସମାଧି ଓ ପୁନଃରୁତ୍ଥାନ ସ୍ମରଣ କରୁ । ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ ସ୍ୱରୂପ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିଥିବା ଦୟାମୟ ପିତା ପରମେଶ୍ୱରଙ୍କ ସ୍ତୁତିଗାନ ଦ୍ୱାରା ଆରାଧନା କରିଥାଉ । ଯୀଶୁଖ୍ରୀଷ୍ଟଙ୍କ ନାମର ଅଧିକାର ଦ୍ୱାରା ଆମ୍ଭେମାନେ ପ୍ରାର୍ଥନା କରିଥାଉ । ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟକରି ବାକ୍ୟ ପ୍ରଚାର କରାଯାଏ । ଖ୍ରୀଷ୍ଟହିଁ ମଣ୍ଡଳୀରୂପ ଶରୀରର ମସ୍ତକ ଅଟନ୍ତି ।

ଖ୍ରୀଷ୍ଟଙ୍କ ଶରୀରରୂପର ସଭ୍ୟମାନଙ୍କ କେନ୍ଦ୍ରବିନ୍ଦୁ ଖ୍ରୀଷ୍ଟ ହେଲେ, ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଏକତା ଅଭିବୃଦ୍ଧି ପାଇବ । ମଣ୍ଡଳୀର କାର୍ଯ୍ୟକ୍ରମରେ, ପାଳନ ପଦ୍ଧତି, ଖ୍ରୀଷ୍ଟଙ୍କ ବିନୁ ଅନ୍ୟମାନେ ସ୍ଥାନ ପାଇଲେ, ସମସ୍ୟା ଆରମ୍ଭ ହେବ । ଖ୍ରୀଷ୍ଟଙ୍କ ଜୀବନହିଁ ଓ ପବିତ୍ର ଜୀବନ । କିନ୍ତୁ ମନୁଷ୍ୟ ଅସଂପୂର୍ଣ୍ଣ ।

ଖ୍ରୀଷ୍ଟଙ୍କ କେନ୍ଦ୍ରବିନ୍ଦୁ କରିବାର ଅର୍ଥ ତାହାଙ୍କ ବାକ୍ୟର ଅବାଧ ହେବାର ନୁହେଁ । ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ତାହାଙ୍କୁ ଦତ୍ତ ହୋଇଅଛି । (ମାଥିଉ ୨୮:୧୮) ଯୀଶୁଖ୍ରୀଷ୍ଟ ବାକ୍ୟ ଦ୍ୱାରା ଆମ୍ଭେମାନେ ଶେଷ ଦିନରେ ବିଚାରିତ ହେବା । (ଯୋହନ ୧୨:୪୮) । ତାହାଙ୍କ ବାକ୍ୟର ଆଜ୍ଞାବହ ହେବା ହିଁ ତାହାଙ୍କୁ ମହିମାନ୍ୱିତ କରିବ । "ମୃତ୍ୟୁଜନକ ପାପ କିମ୍ବା ଧାର୍ମିକତାର ଆଜ୍ଞାବହତା, ଏହା ମଧ୍ୟରୁ ଯାହା ନିକଟରେ ତୁମ୍ଭେମାନେ ଆଜ୍ଞାବହ ହେବା ନିମନ୍ତେ ଆପଣା ଆପଣାକୁ ଦାସରୂପେ ସମର୍ପଣ କର, ଅର୍ଥାତ୍ ଯାହାର ଆଜ୍ଞା ପାଳନ କର, ତାହାର ଯେ ତୁମ୍ଭେମାନେ ଦାସ ଅଟ । ଏହା କଅଣ ଜାଣ ନାହିଁ?" (ରୋମୀୟ ୬:୧୬) ।

**ମଣ୍ଡଳୀ ଠାରୁ ଖ୍ରୀଷ୍ଟଙ୍କୁ ପ୍ରଧାନ୍ୟତା ଦେବା ଆବଷ୍ୟକ । ଦ୍ୱିତୀୟରେ ଆପଣା ଠାରୁ ଖ୍ରୀଷ୍ଟଙ୍କୁ ପ୍ରଧାନତା ଦେବା ଆବଶ୍ୟକ । ଖ୍ରୀଷ୍ଟ ଆମ୍ଭମାନଙ୍କ ତ୍ରାଣକର୍ତ୍ତା, ପାଳନକର୍ତ୍ତା, ବିଚାର କର୍ତ୍ତା, ଅନନ୍ତ ଜୀବନ ଦାତା । ତାହାଙ୍କ ବାକ୍ୟ ପାଳନ କରି, ତାହାଙ୍କଠାରେ ଜୀବନଯାପନ କଲେ , ତାହାଙ୍କ ଦତ୍ତ ଜୀବନ ମୁକୁଟ ପ୍ରାପ୍ତ ହୋଇପାରିବା ।**

***– Leon Barnes***

❋❋❋

# ସତ୍ୟ ଓ ପ୍ରେମ

## (Truth and Love)

ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "କିନ୍ତୁ ସତ୍ୟ ଅବଲମ୍ବନ କରି ମସ୍ତକସ୍ୱରୂପ ଯେ ଖ୍ରୀଷ୍ଟ ତାହାଙ୍କ ଉଦ୍ଦେଶ୍ୟରେ ସର୍ବ ବିଷୟରେ ପ୍ରେମରେ ବୃଦ୍ଧି ପାଉ ।" (ଏଫିସୀ ୪:୧୫) । ସତ୍ୟରେ ପ୍ରେମ ପ୍ରଚାରିତ କରିବା ଦ୍ୱାରା ସଦାପ୍ରଭୁଙ୍କ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଥାଏ । ସତ୍ୟ ଓ ପ୍ରେମର ସମ୍ବନ୍ଧ ଅତୁଟ । ସତ୍ୟ ନିର୍ଦ୍ଦେଶ କରେ ଏ ପ୍ରେମ ଉତ୍ସାହିତ କରେ ।

ପ୍ରେମରେ ସତ୍ୟ କିପରି ପ୍ରଚାରିତ ହୁଏ ?

(୧) ସତ୍ୟ ପ୍ରଚାରିତ ହେବା ଆବଶ୍ୟକ । ପରମେଶ୍ୱରଙ୍କ ବାକ୍ୟ ସତ୍ୟ ।

(୧୭:୧୭) । ସତ୍ୟ ଗ୍ରହଣ କରିବା ଦ୍ୱାର ମନୁଷ୍ୟ ନିତ୍ୟ ଆନନ୍ଦ ପ୍ରାପ୍ତ ହୋଇପାରେ । ତେଣୁକରି ଆମ୍ଭେମାନେ ସତ୍ୟ ନ ପ୍ରଚାର କଲେ ଅନ୍ୟମାନେ କିପରି ପରିତ୍ରାଣ ପାଇ ପାରିବେ ? ଏକତା ଠାରୁ ଶାନ୍ତି ଠାରୁ ସତ୍ୟ ଏଧିକ ମୂଲ୍ୟବାନ । (୧୦:୩୪-୩୮) ।

(୨) ପ୍ରେମରେ ସତ୍ୟ ପ୍ରକାଶ କରୁ । ବେଳେ ବେଳେ ସତ୍ୟ ଅନ୍ୟମାନଙ୍କୁ ନିଷ୍ଠୁର ଲାଗେ । କିନ୍ତୁ ପ୍ରେମରେ ବ୍ୟକ୍ତ ଅନେକ ମଙ୍ଗଳ ସାଧନ କରେ । ଅସତ୍ୟରେ ଥିବା ବ୍ୟକ୍ତି ସତ୍ୟ ଗ୍ରହଣ କରିବାରେ ସୁଯୋଗ ପାଏ । ସତ୍ୟ ଆମ୍ଭମାନଙ୍କୁ ମୁକ୍ତ କରେ ।

(୩) ସତ୍ୟ ଖ୍ରୀଷ୍ଟଧର୍ମର ମୂଳାଧାର । "ପ୍ରେମ ଦୀର୍ଘ ସହିଷ୍ଣ ପ୍ରେମ ହିତଜନକ,ଈର୍ଷା କରେ ନାହିଁ, ଆତ୍ମବଡିମା କରେ ନାହିଁ । ଅହଙ୍କାର କରେ ନାହିଁ, ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ କରେ ନାହିଁ, ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ । ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ , ସମସ୍ତ ବିଷୟରେ ଧୌର୍ଯ୍ୟଧରି ରହେ । ପ୍ରେମ କଦାପି ଶେଷ ହୁଏ ନାହିଁ ।" (୧ମ କରିନ୍ଥୀ ୧୩:୪-୮) । ଖ୍ରୀଷ୍ଟିୟାନମାନେ ସତ୍ୟରେ ଜୀବନଯାପନ କଲେ, ତାହାଙ୍କ ଜୀବନ ଦ୍ୱାରା ସତ୍ୟ ପ୍ରସ୍ଫୁଟିତ ହୁଏ ।

**– *Joe Molone***

❋❋❋

# Which is More Inportant?

> ***To help you set and keep your priorities straight, take the follwing personal inventory.***

**1.Which is more important to you?**

☐ Making sure your dog (or cat) gets fed every day or

☐ Making sure that your child gets daily spiritual nourish ment?

**2.Which is more important to you?**

☐ Watching television or

☐ taking time for prayer and bible study every day?

**3.Which is more important to you?**

☐ Speaking out on current political issues or

☐ Speaking out to help someone understand Bible truth?

**4.Which is more important to you?**

☐ The time you spend playing tennis (or fishing, hunting, golfing)

☐ or the time you spend with your children?

**5.Which is more important to you?**

☐ The time you spend adorning your body or

☐ The time you spend improving the inner man?

**6.Which is more important to you?**

☐ What you think of last sunday's sermon or

☐ What God thinks of your response to the sermon?

**7.Which is more important to you?**

☐ The condition and appearance of your house or

☐ what goes on inside your house?

**8.Which is more important to you?**

☐ The preacher speaking to you at the door after worship or

☐ the preacher speaking to you through the sermon?

**9.Which is more important to you?**

☐ The temperature in the church building or

☐ the spiritual temperature of church which meets in the building?

**10. Which is more important to you?**

- ☐ The number of people who show an interest in you or
- ☐ the number of people in whom you show an interest?

**11. Which is more important to you?**

- ☐ The number of people who speak to you at church assembly or
- ☐ the number of people to whom you speak?

**12. Which is more important to you?**

- ☐ The appearance of your face and clothes or
- ☐ your spiritual image in the eyes of your neighbors?

**13. Which is more important to you?**

- ☐ The salary your children make or
- ☐ their effectiveness in sharing the Gospel with others?

**14. Which is more important to you?**

- ☐ The money you have accumulated in the stock market or
- ☐ the treasure you've laid up in heaven?

**15. Which is more important to you?**

- ☐ The approval of God or
- ☐ the approval of your boss?

***- David Sain***

Printed Book Only

From:


SATYA VANI
P.O. Box 80,
Kakinada - 533 001


To

(FOR PRIVATE CRICULATION ONLY)

C M Y K